


# ପ୍ରତ୍ୟେକ ତହସିଲରେ "ମୋ ଜମି, ମୋ ଘର ଡିହ" ମେଳା

**"ରାଜ୍ୟର ଗରିବ, ଭୂମିହୀନ ଓ ବାସଗୃହହୀନ ବ୍ୟକ୍ତିଙ୍କୁ ମିଳିଥିବା ଜମିର ଅଧିକାର ପାଇଁ ସରକାରଙ୍କ ବଳିଷ୍ଠ ପଦକ୍ଷେପ"**

ଭୂମିହୀନଙ୍କୁ ଲିଜରେ ପଟ୍ଟା ଦିଆଯାଇଥିବା ଚାଷଜମି ଓ ବାସଗୃହହୀନ ମାନଙ୍କୁ ଲିଜ୍ ରେ ଦିଆଯାଇଥିବା ଘରଡିହ ପଟ୍ଟା ଯେଉଁମାନଙ୍କ ପାଖରେ ଅଛି କିନ୍ତୁ ସେମାନେ ଏ ପର୍ଯ୍ୟନ୍ତ ସେ ଜମି ବା ଘରଡିହ ଦଖଲରେ ନାହାନ୍ତି ସେମାନେ ଏ ମେଳାରେ ଯୋଗ ଦେଇ ଏ ବିଷୟରେ ପ୍ରମାଣ ଦର୍ଶାନ୍ତୁ ।

❖ ଯେଉଁଠାରେ ସର୍ବସାଧାରଣ ଜମି ବା ଗୋଚର ଜମି ଓ ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ବା ଗୋଷ୍ଠୀମାନେ ମାଡି ବସିଛନ୍ତି ସେ ବିଷୟରେ ଅଭିଯୋଗ ଦିଅନ୍ତୁ ।

❖ ଯେଉଁମାନେ ସିଲିଂ ଉଦବୃତ୍ତ ଜମି ପାଇଛନ୍ତି କିନ୍ତୁ ଅଧିକାରରେ ନାହାନ୍ତି ସେମାନେ ତାଂକର ଅଭିଯୋଗ ପେଶ୍ କରନ୍ତୁ ।

❖ ଆଦିବାସୀ ବା ହରିଜନ ମାନଂକ ଜମି ବେଆଇନ୍ ସୂତ୍ରରେ, ବିନା ଅନୁମତିରେ କ୍ରୟକରି ବା ଅନ୍ୟ କୌଣସି ସୂତ୍ରରେ ଯଦି କେହି ଦଖଲ କରୁଥାନ୍ତି ତେବେ ସେମାନେ ତାଂକର ଅଭିଯୋଗ ପେଶ୍ କରନ୍ତୁ ।

❖ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପ୍ରତ୍ୟେକ ତହସିଲରେ "ମୋ ଜମି, ମୋ ଡିହ" ମେଳା ଆୟୋଜନ କରାଯାଉଛି । ଦଖଲରୁ ବଂଚିତ ପ୍ରତ୍ୟେକ ହିତାଧୀକରୀଂକ ଠାରୁ ପ୍ରଥମ ପର୍ଯ୍ୟାୟ ମେଳାରେ ଅଭିଯୋଗ ପତ୍ର ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ମେଳା ନଭେମ୍ବର ମାସ ପ୍ରଥମ ସପ୍ତାହ ମଧ୍ୟରେ ଶେଷ ହେବ ।

❖ ଉପଯୁକ୍ତ ନୋଟିସ୍  ଦେଇ ସରଜମିନ୍ ତଦନ୍ତ ପରେ ଦ୍ୱିତୀୟ ପର୍ଯ୍ୟାୟ ମେଳାରେ (୨୦୦୮ ମସିହା ଜାନୁୟାରୀ ମାସରୁ ଫେବୃୟାରୀ ମାସ ଶେଷ ପର୍ଯ୍ୟନ୍ତ) ଆବଶ୍ୟକସ୍ଥଳେ ରେକର୍ଡ ସଂଶୋଧନ ଓ ଦଖଲ ପ୍ରଦାନ କରାଯିବ ।

❖ ଏହି ଦ୍ୱିତୀୟ ପର୍ଯ୍ୟାୟ ମେଳାରେ ହିତାଧୀକାରୀଂକୁ ଦଖଲ ପ୍ରଦାନ ସମ୍ପର୍କୀୟ ପ୍ରମାଣ ପତ୍ର ପ୍ରଦାନ କରାଯିବ ।

ନିର୍ଦ୍ଧାରିତ ସମୟରେ ଆପଣଙ୍କ ତହସିଲରେ ହେବାକୁ ଥିବା ଏହି ମେଳାର ସୁଯୋଗ ନିଅନ୍ତୁ ଓ ନିଜ ଦଖଲ ନିଜ ଅକ୍ତିଆରରେ ରଖନ୍ତୁ ।

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,**
**ଓଡିଶା ସରକାର**

## ବିଜ୍ଞାପନ

ରାଜ୍ୟ ସରକାର ରାଜ୍ୟର ଭୂମିହୀନ ଓ ଘରଡିହ ଶୂନ୍ୟ ବ୍ୟକ୍ତିମାନଙ୍କୁ ଓଡିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ, ଓଡିଶା ଭୂସଂସ୍କାର ଆଇନ ଓ ଓଡିଶା ଜମି ଅବରୋଧ ନିରୋଧ ଆଇନ ମାଧ୍ୟମରେ ଜମି ପ୍ରଦାନ କରି ଆସୁଅଛନ୍ତି । ଏତଦ୍‌ଭିନ୍ନ ରାଜ୍ୟ ସରକାର ରେଗୁଲେସନ୍ ୨/୧୯୫୬ ଓ  ଭୂସଂସ୍କାର ଆଇନର ଧାରା ୨୩ ମାଧ୍ୟମରେ ବେଆଇନଭାବେ ହସ୍ତାନ୍ତରିତ ଆଦିବାସୀ ଓ ହରିଜନ ମାନଙ୍କର ଜମିର ଦଖଲ ପୁନଶ୍ଚ ସେମାନଙ୍କୁ ପ୍ରଦାନ କରି ଆସୁଅଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ପଟ୍ଟା ପାଇଥିବା ଭୂମିହୀନ / ଘରଡିହ ଶୂନ୍ୟ ବ୍ୟକ୍ତି ଓ ଜମି ପୁନର୍ଦଖଲ ପାଇଥିବା ଆଦିବାସୀ ଓ ହରିଜନ ବ୍ୟକ୍ତିବୃନ୍ଦ ସେମାନଙ୍କୁ ପ୍ରଦାନ କରାଯାଇଥିବା ଜମି କିମ୍ବା ପୁନର୍ଦଖଲ ଦିଆଯାଇଥିବା ଜମିର ଦଖଲରେ ନଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି । ରାଜ୍ୟର ଗରିବ, ଭୂମିହୀନ ଓ ଗୃହହୀନ ବ୍ୟକ୍ତିମାନଙ୍କୁ ବିଶେଷକରି ସଂପୃକ୍ତ ଆଦିବାସୀ ଓ ହରିଜନମାନଙ୍କୁ ସେମାନଙ୍କର ଜମି ଅଧିକାରର ସୁରକ୍ଷା ଓ ଅଧିକାର ପ୍ରଦାନ ସରକାରଙ୍କର ମୂଳଲକ୍ଷ୍ୟ  ଅଟେ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର "ମୋ ଜମି, ମୋ ଡିହ" ଶୀର୍ଷରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଦଖଲରେ ନଥିବା ସମସ୍ତ ହିତାଧିକାରୀଙ୍କର ଜମି ଅଧିକାରର ସୁରକ୍ଷା ଓ ଦଖଲ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଚଳିତ ବର୍ଷ ଓ ୨୦୦୮ ବର୍ଷର ଜାନୁଆରୀ ଓ ଫେବୃଆରୀ ମାସ ମଧ୍ୟରେ ୨ଟି ପର୍ଯ୍ୟାୟରେ "ମୋ ଜମି, ମୋ ଡିହ" ମେଳାର ଆୟୋଜନ କରୁଅଛନ୍ତି । ଏହି ମେଳା ପ୍ରତ୍ୟେକ ତହସିଲ ସଦର ମହକୁମାରେ ନିର୍ଦ୍ଧାରିତ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଅନୁଷ୍ଠିତ ହେବ ।

ଏଥିରେ ସଂପୃକ୍ତ ସମସ୍ତ ରାଜ୍ୟସ୍ୱ ନିରୀକ୍ଷକ, ଉପ-ଜିଲ୍ଲାପାଳ, ତହସିଲଦାର ଓ ଅତିରିକ୍ତ ତହସିଲଦାର ପ୍ରତ୍ୟେକ ଦିନ ଉପସ୍ଥିତ ରହିବେ ।ସଂପୃକ୍ତ ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲାପାଳ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ରହିବେ ।

ପ୍ରଥମ ପର୍ଯ୍ୟାୟ ମେଳାରେ ସଂପୃକ୍ତ ରାଜସ୍ୱ ନିରୀକ୍ଷକମାନେ ଦଖଲରେ ନଥିବା ହିତାଧିକାରୀଙ୍କ ଠାରୁ ଦରଖାସ୍ତ / ଅଭିଯୋଗ ପତ୍ର ଗ୍ରହଣ କରିବେ । ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଦଖଲ କରିଥିବା ସରକାରୀ ଜମି ସଂପର୍କରେ ମଧ୍ୟ ସେମାନେ ଅଭିଯୋଗ ପତ୍ର ଗ୍ରହଣ କରିବେ ।

ଦ୍ୱିତୀୟ ପର୍ଯ୍ୟାୟରେ ୨୦୦୮ ବର୍ଷ ଜାନୁଆରୀ ମାସରୁ ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମେଳାରେ ସଂପୃକ୍ତ ରାଜସ୍ୱ ଅଧିକାରୀମାନେ-୧. ହିତାଧୀକାରୀଙ୍କ ଠାରୁ ପ୍ରାପ୍ତ ଦରଖାସ୍ତ / ଅଭିଯୋଗପତ୍ରରେ ସନ୍ନିହିତ ତଥ୍ୟ ଅନୁଯାୟୀ ସରଜମିନ୍ ତଦନ୍ତ କରି ରେକର୍ଡ ସଂଶୋଧନ କରିବେ/ ଦଖଲ ପ୍ରଦାନ କରିବେ । ୨. ସ୍ୱତଃ ସମସ୍ତ ସରକାରୀ ରେକର୍ଡ ତନଖି କରି ରେକର୍ଡଭୁକ୍ତ / ରେକର୍ଡ ଭୁକ୍ତ କରିବା ନିମନ୍ତେ ଆଦେଶ ଦିଆଯାଇଥିବା ଦାବୀ ଅନୁଯାୟୀ ସରଜମିନ୍ ତଦନ୍ତ କରି ହିତାଧିକାରୀଙ୍କୁ ଜମି ଦଖଲ ପ୍ରଦାନ କରିବେ । ୩. ହିତାଧିକାରୀମାନଙ୍କୁ ଦଖଲ ପ୍ରଦାନ ସଂପର୍କୀୟ ପ୍ରମାଣ ପତ୍ର ପ୍ରଦାନ କରିବେ । ୪. ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଦଖଲରେ ଥିବା ସରକାରୀ ଜମି ସଂପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

ଏଣୁ ସମସ୍ତ ହିତାଧିକାରୀ ଓ ଜନସାଧାରଣ ଏହି ମେଳାଗୁଡିକର ସୁଯୋଗ ନେଇ ସେମାନଙ୍କୁ ପ୍ରଦାନ କରାଯାଇଥିବା ଜମିର ଦଖଲ, ନିଜ ଜମିର ପୁନଃ ଦଖଲ ଓ ସ୍ୱତ୍ତ୍ୱ ହାସଲ ଏବଂ ସରକାରୀ ଜମିର ସୁରକ୍ଷା କରିବାକୁ ରାଜ୍ୟ ସରକାର ଅନୁରୋଧ କରୁଅଛନ୍ତି ।

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**